ODM EDUCATIONAL GROUP
*Changing your Tomorrow*

# MORNING PRAYER





CHANGING YOUR TOMORROW

Website: www.odmegroup.org
Email: info@odmps.org
Toll Free: **1800 120 2316**
Sishu Vihar, Infocity Road, Patia, Bhubaneswar- 751024

# ODM PUBLIC SCHOOL

ODM EDUCATIONAL GROUP

**SESSION :1**

**CLASS :3**

**SUBJECT : ODIA**

**CHAPTER NUMBER: 14**

**CHAPTER NAME : ଖରା ,ବର୍ଷା ,ଶୀତ**

**SUBTOPIC : ଉପକ୍ରମ , ପଠନ କ୍ରିୟା ଓ ଯୁକ୍ତାକ୍ଷର ଶବ୍ଦ**

# ଅଧ୍ୟୟନର ଉଦ୍ଦେଶ୍ୟ –

ପିଲାମାନଙ୍କର ଶ୍ରବଣ ,କଥନ,ପଠନ ଓ ଯୁକ୍ତାକ୍ଷର ଶବ୍ଦ ଉଚ୍ଚାରଣ  ଶୈଳୀ ର ଅଭିବୃଦ୍ଧି କରାଇବା ।




ODM
EDUCATIONAL GROUP
ସେବା


ODM
EDUCATIONAL GROUP


ODM
EDUCATIONAL GROUP

# ଖରା ,ବର୍ଷା,ଶୀତ









ODM EDUCATIONAL GROUP

ଗାଁଟିର ନାଁ ମୁକ୍ତାପୁର । ସେହି ଗାଁରେ ପ୍ରାୟ ଶହେଘର । ଭକ୍ତବନ୍ଧୁ ଗାଁ'ର ସବୁଠୁ ଧନୀବ୍ୟକ୍ତି । ତାଙ୍କ ନାତୁଣୀର ନାଁ ତୃପ୍ତି ।

: ଜେଜେ, ଏତେ ଗରମ କାହିଁକି ହେଉଛି ?

: ଖରାଦିନେ ଖରା ହେବନି ତ କ'ଣ ହେବ ?

: ଆଜି କାଲି କ'ଣ ଶୀଘ୍ର ସନ୍ଧ୍ୟା ହେଉ ନାହିଁ ?

: ଖରାଦିନେ ଦିନ ବଡ଼ ହୁଏ । ସୂର୍ଯ୍ୟ ବଡ଼ିଭୋରରୁ ଉଦୟ ହୁଅନ୍ତି । ଡେରିରେ ଅସ୍ତ ଯାଆନ୍ତି । ଖରାଯୋଗୁଁ ଗଛପତ୍ର ଝାଉଁଳି ଯାଏ ।

: ଗଛପତ୍ର କାହିଁକି ଝାଉଁଳି ଯାଉଛି ?

: ଅଧିକ ଗରମ ଯୋଗୁଁ ନଈ, ନାଳ ଶୁଖିଯାଏ । ଗରମପବନ ବହେ । ବର୍ଷା ହୁଏ ନାହିଁ । ପାଣି ନପାଇ ଗଛପତ୍ର ଝାଉଁଳି ଯାଏ । ମାଟି ଶୁଖିଯାଏ । ଏ ସମୟରେ ଜମି ହଳ କରାଯାଏ ।

ODM EDUCATIONAL GROUP

: ଜେଜେ, ଏହି ଖରାଦିନରେ କେଉଁ କେଉଁ ଫଳ ହୁଏ ?

: ଖରାଦିନରେ ଆମ୍ବ, ପଣସ, ସପୁରି, ଜାମୁକୋଳି ପାଚେ । ଏଗୁଡ଼ିକ ଖରାଦିନିଆ ଫଳ ।

ଖରାଦିନେ କେଉଁସବୁ ଫୁଲ ଫୁଟେ ?

: ମଲ୍ଲୀ, ମାଳତୀ, ଟଗରଫୁଲ ଫୁଟେ ।

ପୁଣି କେବେ ବର୍ଷା ହେବ ?

: ରଜପର୍ବ ଓ ଶୀତଳଷଷ୍ଠୀ ବେଳକୁ ବର୍ଷା ହେବ । ବର୍ଷାଦିନ ତତେ କେମିତି ଲାଗେ ?

: ଛି, ଚାରିଆଡ଼େ କାଦୁଅ ପଚ୍‌ପଚ୍ । ବେଳେବେଳେ ସପ୍ତାହ ସପ୍ତାହ ଧରି ବର୍ଷା ହୁଏ । ଝଡ଼ିବର୍ଷା ହେଲେ ଖେଳିପାରେ ନାହିଁ । ନଈବଢ଼ି ହୁଏ । ସ୍କୁଲ୍ ଯିବାକୁ ଅସୁବିଧା । କାଗଜଡଙ୍ଗା ଭସାଏ, କିନ୍ତୁ ବେଶୀ ଭଲ ଲାଗେ ନାହିଁ ।

: ନା, ନା, ସେମିତି କହନା । ବର୍ଷା ନହେଲେ ମରୁଡ଼ି ହେବ । ପାଣି ପଡ଼ିବାରୁ ଗରମ କମିଯାଏ । ବର୍ଷାହେଲେ ଧାନବୁଣା ହୁଏ । ଧାନ ନହେଲେ ଲୋକେ ଖାଇବେ କ'ଣ ? ଗଛର ପତ୍ର କଅଁଳେ । ବର୍ଷାଦିନେ ଭେଣ୍ଡି, ଜହ୍ନି, ସାରୁ, କାଙ୍କଡ଼, ଛଚିନ୍ଦ୍ରା ମିଳେ । ସବୁଜପରିବାରେ ମଜା ଅଛି ନା । ଶୀତଦିନେ ଧାନ ଅମଳ ହୁଏ । ବସ୍ତାବସ୍ତା ଧାନପାଇ ଚାଷୀ ଖୁସି ହୁଏ ।

ODM EDUCATIONAL GROUP

 : ଆଚ୍ଛା ଜେଜେ, ଶୀତରୁ କିପରି ରକ୍ଷାମିଳେ ?

 : ଶୀତଦିନେ ଅଧିକ ଥଣ୍ଡା ହୁଏ। ଆମେ ଶୀତପୋଷାକ ପିନ୍ଧୁ। ନିଆଁ ଜଳାଇ ତା' ପାଖରେ ବସୁ।

 : ଜେଜେ, କେବଳ କ'ଣ ଆମକୁ ଶୀତ ହୁଏ ? ପକ୍ଷୀମାନଙ୍କୁ କ'ଣ ଶୀତ ହୁଏ ନାହିଁ ? ସେମାନେ ଶୀତରେ କିପରି ରହନ୍ତି ?

 : ହଁ, ପକ୍ଷୀ ମାନଙ୍କୁ ଏତେ ଶୀତ ହୁଏ ଯେ ସେମାନେ ଅଧିକ ଶୀତ ହେଉଥିବା ଅଂଚଳରୁ, କମ୍ ଶୀତ ହେଉଥିବା ଅଞ୍ଚଳକୁ ଉଡ଼ି ଆସନ୍ତି।

# ଯୁକ୍ତାକ୍ଷର ଶବ୍ଦ

ODM EDUCATIONAL GROUP
Changing your Tommorrow

- ମୁକ୍ତାପୁର
- ଭକ୍ତବନ୍ଧୁ
- ଧନୀବ୍ୟକ୍ତି
- ସନ୍ଧ୍ୟା
- ଅସ୍ତ
- ସପ୍ତାହ
- ସ୍କୁଲ
- କାଗଜଡଙ୍ଗା

ଛଟିନ୍ଦ୍ରା
କାଙ୍କଡ
ଭେଣ୍ଡି
ବସ୍ତା ବସ୍ତା
ଥଣ୍ଡା
ଅଞ୍ଚଳ
ପିନ୍ଧୁ
ଆମ୍ବ

# ପଠନର ମୂଲ୍ୟାଙ୍କନ



# ୫ଟି ପଠନ ମୂଲ୍ୟାୟନର ପର୍ଯ୍ୟାୟ ସ୍ତର

ODM EDUCATIONAL GROUP
Changing your Tomorrow

୫: ଗପ ସ୍ତର ।

୪: ଅନୁଚ୍ଛେଦ ସ୍ତର ।

୩: ଶବ୍ଦ ସ୍ତର ।

୨: ଅକ୍ଷର ସ୍ତର ।

୧: ପ୍ରାରମ୍ଭିକ ସ୍ତର ।

# ନମୁନା -୨

## ଗପ ସ୍ତର

ମଧୁପୁର ନାମକ ଗାଁ ଟିଏ ।
ସେଠାରେ ରାଧୁଆ ନାମକ
ପିଲାଟିଏ ଥିଲା । ରାଧୁଆ
ର ଗୋଟିଏ ଝିଅ ଥିଲା ।
ତାର ନାମ ମୀନା । ମୀନା
ନାଚ କରିବାକୁ ଭଲ ପାଏ ।
ଥରେ ନାଚୁ ନାଚୁ ପଡ଼ିଗଲା ।
ଗୋଡ଼ ତାର ଭାଙ୍ଗି ଗଲା ।
ସେ ବହୁତ କାନ୍ଦିଲା । ରାଧୁଆ
ତାକୁ ବଇଦ ପାଖକୁ ନେଇ ଭଲ
କରିଦେଲା ।

## ଅନୁଛେଦ ସ୍ତର

ମାଛ ରହିଥାଏ ପାଣିରେ ।
ସାପ ରହୁଥାଏ ଗାତରେ ।
ପକ୍ଷୀ ରହେ ଗଛ ଡାଳରେ
ପିଲା ପଢ଼େ ପାଠ ଶାଳାରେ ।

## ଶବ୍ଦ ସ୍ତର

ଭାତ ହାତ କୂଳ
ଦେଶ
ପାହାଡ଼
ଧନୁ ବିଦେଶ

## ଅକ୍ଷର ସ୍ତର

ଫ ର ଷ
ଢ଼ ଟ ଜ
ଠ ଶ ଳ

ମଧୁପୁର ନାମକ ଗାଁ ଟିଏ ।ସେଠାରେ
ରାଧୁଆ ନାମକ ପିଲାଟିଏ ଥିଲା । ରାଧୁଆର
ଗୋଟିଏ ଝିଅ ଥିଲା ।ତାର ନାମ ମୀନା ।
ମୀନାନାଚ କରିବାକୁ ଭଲ ପାଏ ।ଥରେ ନାଚୁ
ନାଚୁ ପଡ଼ିଗଲା ଗୋଡ଼ ତାର ଭାଙ୍ଗି ଗଲା ।ସେ
ବହୁତ କାନ୍ଦିଲା । ରାଧୁଆତାକୁ ବଇଦ ପାଖକୁ
ନେଇ ଭଲ କରିଦେଲା ।

ODM EDUCATIONAL GROUP
Changing your Tomorrow

ଏହି ସ୍ତର ଦେଇ ପିଲା ମାନଙ୍କର ପଢିବା ଫଳାଫଳକୁ ମୂଲ୍ୟାଙ୍କନ କରାଯିବ ।

# ଗୃହକର୍ମ

ODM EDUCATIONAL GROUP

ତୁମ ଜେଜେ ଓ ଜେଜେମା ଙ୍କର ନାମ ମନେରଖ।





# ଲବ୍ଧ ଜ୍ଞାନର ଫଳାଫଳ-

ପିଲାମାନଙ୍କର ଶ୍ରବଣ,କଥନ,ପଠନ ଶୈଳୀର ଅଭିବୃଦ୍ଧି ଘଟିବ |



# THANKING YOU

# ODM EDUCATIONAL GROUP